Deepika Tunga, IV(A)



ପାଠ-୮

# ସେମାନେ ଆମ ଭାଇଭଉଣୀ

## WORKSHEET

୧. ଅପଠିତାଂଶଟିକୁ ପଢ଼ି ପ୍ରଶ୍ନଗୁଡ଼ିକର ଉତ୍ତର ଦିଅ।

ଛାତ୍ର ଜୀବନ ହେଉଛି ବିଦ୍ୟାଅର୍ଜନର ଉପଯୁକ୍ତ ସମୟ। ସେଥିପାଇଁ ଛାତ୍ରଛାତ୍ରୀମାନଙ୍କର ଶୃଙ୍ଖଳା ଜ୍ଞାନର ଆବଶ୍ୟକତା ରହିଛି। ଛାତ୍ରଟିଏ ଯଦି ଶୃଙ୍ଖଳିତ ନ ହୁଏ, ତେବେ ସେ ଜୀବନରେ କେବେ ବି ବଡ଼ମଣିଷ ହୋଇପାରିନଥାଏ। ବିଦ୍ୟାଳୟକୁ ଠିକ୍ ସମୟରେ ପହଞ୍ଚିବା ଓ ଶିକ୍ଷକ ଶିକ୍ଷୟିତ୍ରୀଙ୍କୁ ଭକ୍ତି କରିବା ହେଉଛି ଶୃଙ୍ଖଳା ଜ୍ଞାନର ଏକ ଉଦାହରଣ। ଯେଉଁ ଛାତ୍ର ଶୃଙ୍ଖଳିତ ନୁହେଁ, ତାକୁ ଛାତ୍ରର ମର୍ଯ୍ୟାଦା ମିଳେ ନାହିଁ। ପରିବାର ହେଉଛି ଶୃଙ୍ଖଳା ଶିକ୍ଷାର ପ୍ରଥମ ସ୍ଥାନ। ବିଭିନ୍ନ ନୀତିନିୟମ ଓ ଭଲଶଦ୍ଦ ବିଷୟରେ ପିତାମାତା ଓ ଗୁରୁଜନମାନଙ୍କଠାରୁ ଶିକ୍ଷା ହେଉଛି ଶୃଙ୍ଖଳାଜ୍ଞାନ। ଦୈନିକ ଜୀବନରେ ଶୃଙ୍ଖଳାର ଆବଶ୍ୟକତା ରହିଛି।

କ) ବିଦ୍ୟାଅର୍ଜନର ଉପଯୁକ୍ତ ସମୟ କ'ଣ ?

ଉ: ଛାତ୍ର ଜୀବନ ହେଉଛି ବିଦ୍ୟାଅର୍ଜନର ଉପଯୁକ୍ତ ସମୟ।

ଖ) ବଡ଼ମଣିଷ ହେବା ପାଇଁ ଜୀବନରେ କାହାର ଆବଶ୍ୟକତା ରହିଛି ?

ଉ: ବଡ଼ମଣିଷ ହେବା ପାଇଁ ଜୀବନରେ ଶୃଙ୍ଖଳା ଜ୍ଞାନର ଆବଶ୍ୟକତା ରହିଛି।

ଗ) ପ୍ରଥମେ ଛାତ୍ରଟିଏ କେଉଁଠାରୁ ଶୃଙ୍ଖଳା ଜ୍ଞାନ ଶିକ୍ଷାଲାଭ କରିଥାଏ ?

ଉ: ପ୍ରଥମେ ଛାତ୍ରଟିଏ ପରିବାରଠାରୁ ଶୃଙ୍ଖଳା ଜ୍ଞାନ ଶିକ୍ଷାଲାଭ କରିଥାଏ।

ଘ) ଦୈନିକ ଜୀବନରେ କାହାର ଆବଶ୍ୟକତା ରହିଛି ?

ଉ: ଦୈନିକ ଜୀବନରେ ଶୃଙ୍ଖଳାର ଆବଶ୍ୟକତା ରହିଛି।

ଙ) ଶୃଙ୍ଖଳା ଜ୍ଞାନର ଏକ ଉଦାହରଣ ଦିଅ।

ଉ: ବିଦ୍ୟାଳୟକୁ ଠିକ୍ ସମୟରେ ପହଞ୍ଚିବା ଓ ଶିକ୍ଷକ ଶିକ୍ଷୟିତ୍ରୀଙ୍କୁ ଭକ୍ତି କରିବା ହେଉଛି ଶୃଙ୍ଖଳାର ଉଦାହରଣ।

୨. ଶୂନ୍ୟସ୍ଥାନ ପୂରଣ କର।

କ) ବଣ୍ଡା ଲୋକମାନେ ଓଡ଼ିଶାରେ ମାଲକାନଗିରି ଜିଲ୍ଲାରେ ବାସ କରନ୍ତି।

ଖ) ଘରଗୁଡ଼ିକୁ ସେମାନେ ପିରି ଘାସରେ ଛପର କରନ୍ତି।